# "୮୦ବର୍ଷର ବୁଢ଼ା ବାପାଙ୍କୁ ନେଇ ଅନ୍ୟତ୍ର ରହିଲି" !

ମୋର ନାମ ମାୟାଧର ନାୟକ (ଛଦ୍ମନାମ) । ଘର ମଙ୍ଗଳପୁର ଥାନା, ଯାଜପୁର ଜିଲ୍ଲାରେ । ଘର କହିଲେ ୮୦ ବର୍ଷର ବାପା, ୭୦ ବର୍ଷର ମା । ତିନି ଭଉଣୀ ଓ ଘରେ ମୁଁ ଏକମାତ୍ର ପୁଅ । ଘରର ଆର୍ଥିକ ଅବସ୍ଥା ଏତେ ଭଲନୁହେଁ । ତେଣୁ ମୁଁ ଆସି ଭୁବନେଶ୍ୱରରେ ଏକ ପ୍ରତିଷ୍ଠିତ କମ୍ପାନୀରେ କାମ କରି ପେଟ ପୋଷୁ ଥିଲି ଏବଂ ନିଜର ରୋଜଗାର ପଇସାରୁ ବାପା ମା'ଙ୍କୁ ମଧ୍ୟ ପଇସା ପଠାଉଥିଲି । କିଛି ପଇସା ମଧ୍ୟ ରଖୁଥିଲି ଭଉଣୀ ବାହାଘର ପାଇଁ । କିନ୍ତୁ ବିଧିର ବିଧାନ ବଡ଼ ବିଚିତ୍ର । ଠିକ୍ ଏହି ସମୟରେ ମୋର ଦେଖାହେଲା ଜଣେ ଝିଅଙ୍କ ସହିତ । ବନ୍ଧୁତା, କଥାବାର୍ତ୍ତା, ପ୍ରେମ ସମ୍ପର୍କ ଓ ପରେ ଉଭୟେ ଉଭୟେଙ୍କୁ ତା-୦୪-୦୨-୨୦୦୯ରିଖରେ ବିରଜା ମନ୍ଦିରରେ ବିବାହ କଲୁ । ବିବାହ ପରେ ଉଭୟେ ବହୁତ ଖୁସିରେ ଥିଲୁ । ଏପରିକି ତାଙ୍କର ସମସ୍ତ ଦରମା ସେ ମୋତେ ଦେଇ ଦେଉଥିଲେ । ସାଙ୍ଗ ହୋଇ ତିନି ଭଉଣୀଙ୍କର ବିବାହ ମଧ୍ୟ କରାଇଲୁ । ଆମର ଏକ ପୁତ୍ର ସନ୍ତାନ ତା -୦୨-୦୨-୨୦୧୧ରିଖରୁ ରହିଛି । ମାତ୍ର ମୋ ସ୍ତ୍ରୀର ଆଉ ଜଣେ ପୁଅ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଲା । ଏହାକୁ ମୁଁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଝଗଡ଼ା ହେଲା । ମୋତେ ମୋ ସ୍ତ୍ରୀ ଆଉ ଘରେ ପୁରାଇ ଦେଲା ନାହିଁ । "୮୦ବର୍ଷର ବୁଢ଼ା ବାପାଙ୍କୁ ନେଇ ଅନ୍ୟତ୍ର ରହିଲି" । ଭୁବନେଶ୍ୱର ମହିଳା ଥାନାରେ ମୋ ନାମରେ ଏକ ମିଥ୍ୟା ଯୌତୁକ ନିର୍ଯ୍ୟାତନା ମାମଲା କରାଗଲା । ମୁଁ କିଛିଦିନ ଜାମିନି ପାଇବା ପାଇଁ ଲୁଚି ବୁଲିଲି । ଜାମିନି ପାଇଁ ସାରିଲା ପରେ ପୂର୍ବରୁ କାମ କରୁଥିବା କମ୍ପାନୀକୁ ଯିବାରୁ ମୋ ସ୍ତ୍ରୀର କଥା ଅନୁସାରେ ସେମାନେ ମୋତେ ସେଠାରୁ ବାହାର କରିଦେଲେ । ମୁଁ ଆଉ ଏକ କମ୍ପାନୀରେ କାର୍ଯ୍ୟ କରୁଅଛି । ପୁଅ ମୋର ଏବେ ସ୍କୁଲ୍‌କୁ ଯାଉଛି । ଏଇ ଅଳ୍ପ ଦିନ ତଳେ ମୁଁ ପୁଅକୁ ଦେଖିବା ପାଇଁ ସବୁଦିନ ପରି ସ୍କୁଲ୍ ଆଗରେ ଠିଆ ହୋଇଥିଲି । ହଠାତ୍ ଦୁଇ ଜଣ ଯୁବକ ଆସି ମୋତେ ଏଠାରେ କ'ଣ ଠିଆ ହୋଇ ଲାଇନ୍ ମାରୁଛୁ ବୋଲି ପ୍ରବଳ ମାରଧର କଲେ । ସବୁଠାରୁ ଦୁଃଖର କଥା, ଶହଶହ ଲୋକ ମୁଁ ମାଡ଼ ଖାଉଥିବା ଦେଖୁଥିଲା ବେଳେ, ଘଟଣାର କୌଣସି ସତ୍ୟତା ନବୁଝି ମୋତେ ମାରିବାକୁ ଲାଗିଲେ । ଏହି ସମୟରେ କେହି ଜଣେ ପି.ସି.ଆର୍. କୁ ଡକାଇଥିଲା । ପି.ସି.ଆର୍. ଆସି ମୋତେ ଗାଡ଼ିରେ ବସାଇବା ସହିତ ଉକ୍ତ ଯୁବକ ଦ୍ୱୟଙ୍କୁ ସହିଦ୍ ନଗର ଥାନାକୁ ନେଇଥିଲେ । ସହିଦ୍ ନଗର ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଦୀପକ୍ ମିଶ୍ର ଘଟଣାର ସତ୍ୟାସତ୍ୟ ବୁଝି ମୋ ସ୍ତ୍ରୀକୁ ଡକାଇ ଘଟଣାର ସମାଧାନ ପାଇଁ ବହୁ ଚେଷ୍ଟା ମଧ୍ୟ କଲେ । ମାତ୍ର ମୋ ସ୍ତ୍ରୀ ଜଣେ ଓଡ଼ିଶାର ପ୍ରତିଷ୍ଠିତ ଲୋକଙ୍କ ଘରେ କାମ ମଧ୍ୟ କରୁଛି । ତେଣୁ ଆମେ ଉଭୟେ ଭଲରେ ରହିଲେ କାଳେ ତାଙ୍କର କାମ ବନ୍ଦ ହୋଇଯିବ, ତେଣୁ ଆମ ଉଭୟଙ୍କୁ ସେ ନିଜର ସ୍ୱାର୍ଥ ପାଇଁ ସାଙ୍ଗ ହୋଇ ରହିବା ପରିବର୍ତ୍ତେ ଅଲଗା ହୋଇ ରହିବା ପାଇଁ ଚେଷ୍ଟା କରୁଛନ୍ତି । ଇତି ମଧ୍ୟରେ ସବୁ ଥାନା, ଅନେ ଆଇନ୍‌ଜୀବୀ, ଖବରକାଗଜ ଓ ବୁଦ୍ଧିଜୀବୀ ମାନଙ୍କ ପାଖକୁ ଗଲେ ମଧ୍ୟ ମୋ ସ୍ତ୍ରୀର ମାଲିକଙ୍କ ନାଁ ଶୁଣୁ ଶୁଣୁ କେହିବି ସାହାଯ୍ୟର ହାତ ବଢ଼ାଇବା ପାଇଁ ଡରୁଛନ୍ତି । ଏପରି ସ୍ଥଳେ ମୁଁ କ'ଣ କରିବି, ଆପଣ ମୋତେ କୁହନ୍ତୁ............. ???

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।